# NATIONAL NEWS BULLETIN (ODIA)

**7 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମାଲେସିଆ ସହ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ଲକ୍ଷ୍ୟ ନେଇ ଦୁଇଦିନିଆ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ ।
- ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପାଇଁ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ପ୍ରସ୍ତୁତି ଉପରେ ସହମତି ପ୍ରକାଶ କଲେ ଭାରତ-ଆମେରିକା ।

- ପାରସ୍ପରିକ ବିଶ୍ୱାସକୁ ଏହା ପ୍ରତିଫଳନ କରୁଛି, କହିଲେ ପ୍ରଧାନମନ୍ତ୍ରୀ ।

- ମାଓବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ସରକାରଙ୍କ ନିର୍ଣ୍ଣାୟକ ପଦକ୍ଷେପ ଭୟର ବାତାବରଣକୁ ସମାପ୍ତ କରିଛି - କହିଲେ ରାଷ୍ଟ୍ରପତି ।

ଏବଂ

- ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ପ୍ରତିଯୋଗିତା ଆରମ୍ଭ ।

- ସଂଧ୍ୟା ୭ଟାରେ ଭାରତ ଏବଂ ଆମେରିକା ମଧ୍ୟରେ ହେବ ମ୍ୟାଚ୍

## ପିଏମ୍ - ମାଲେସିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଲେସିଆକୁ ଦୁଇଦିନିଆ ସରକାରୀ ଗସ୍ତରେ ଯାଇଛନ୍ତି । ଗସ୍ ଅବ୍ୟବହିତ ପୂର୍ବରୁ ଶ୍ରୀ ମୋଦୀ କହିଛନ୍ତି ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ୍‌ଙ୍କ ସହ ପ୍ରତିରକ୍ଷା, ସୁରକ୍ଷା

ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ତାଙ୍କ ଗସ୍ତର ଲକ୍ଷ୍ୟ । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ କ୍ଷେତ୍ରରେ ସହଯୋଗର ନୂତନ ମାର୍ଗ ଉନ୍ମୁକ୍ତ କରିବାକୁ ମଧ୍ୟ ଆଲୋଚନା କାଳରେ ମତ ବିନିମୟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କ୍ୱାଲାଲାମପୁରରେ ଆଜି ସଂଧ୍ୟାରେ ଶ୍ରୀ ମୋଦୀ 'ସେଲାମତ ଦାତାଙ୍ଗ ମୋଦୀଜୀ' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରାୟ ୧୫ ହଜାର ପ୍ରବାସୀ ଭାରତୀୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ତାଙ୍କ ମାଲେସିଆ ପ୍ରତିପକ୍ଷ ଶ୍ରୀ ଇବ୍ରାହିମ ମିଳିତଭାବେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ । ମାଲେସିଆରେ ଭାରତୀୟ ସମ୍ପ୍ରଦାୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ପ୍ରବାସୀ ଭାରତୀୟ ଏକ ସେତୁ ଭାବେ କାର୍ଯ୍ୟ କରୁଛନ୍ତି । ମାଲେସିଆର ପ୍ରଗତି ପ୍ରବାସୀ ଭାରତୀୟଙ୍କର ବ୍ୟାପକ ସହଯୋଗ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଇଣ୍ଡିଆ ୟୁଏସ୍ ଜଏଣ୍ଟ ଷ୍ଟେଟମେଣ୍ଟ

ଭାରତ ଏବଂ ଆମେରିକା ପାରସ୍ପରିକ ଲାଭଦାୟକ ବାଣିଜ୍ୟ ସମ୍ପର୍କ ବୃଦ୍ଧି ନେଇ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ପ୍ରସ୍ତୁତିରେ ସହମତ ହୋଇଥିବା ଉଭୟ ରାଷ୍ଟ୍ର ଘୋଷଣା କରିଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଉଭୟ

ଦେଶର ମିଳିତ ବିବୃତ୍ତି ଆଧାରରେ କହିଛି ଗତବର୍ଷ ଫେବୃୟାରୀ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପ୍ରତି ଉଭୟ ସହମତ ହୋଇଛନ୍ତି । ଏଭଳି ଅଙ୍ଗିକାରବଦ୍ଧତା, ପାରସ୍ପରିକ ସ୍ୱାର୍ଥ ଏବଂ ସନ୍ତୁଳିତ ବାଣିଜ୍ୟ କ୍ଷେତ୍ର ପ୍ରତି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ଖାଦ୍ୟ ଓ କୃଷି ଉତ୍ପାଦ ଉପରେ ଭାରତ ଶୁଳ୍କ ହ୍ରାସ କରିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

ଭାରତର ସାମଗ୍ରୀ ଉପରେ ଆମେରିକା ଧାର୍ଯ୍ୟ କରିଥିବା ୧୮ ପ୍ରତିଶତ ଶୁଳ୍କ ହାର ଦେଶର ବିଭିନ୍ନ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବ । ସେଗୁଡ଼ିକ ମଧ୍ୟରେ ହସ୍ତଶିଳ୍ପ, ହସ୍ତତନ୍ତ, କପଡ଼ା ଏବଂ ପୋଷାକ, ପ୍ଲାଷ୍ଟିକ ଓ ରବର, ଜୈବ ରସାୟନିକ ପଦାର୍ଥ ଆଦି ଅନ୍ତର୍ଭୁକ୍ତ । ଭାରତର କେତେକ ବିମାନ ଏବଂ ଏହାର ଯନ୍ତ୍ରାଂଶ ଉପରେ ଧାର୍ଯ୍ୟ ଶୁଳ୍କକୁ ମଧ୍ୟ ହ୍ରାସ କରିବା ଲାଗି ଆମେରିକା ସହମତ ହୋଇଥିବା ମନ୍ତ୍ରଣାଳୟ କହିଛି ।

## ପିଏମ୍-ଇଣ୍ଡିଆ ୟୁଏସ୍

ଭାରତ-ଆମେରିକା ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ରୂପରେଖ ପ୍ରସ୍ତୁତି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଉଭୟପକ୍ଷର ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଏଥିପାଇଁ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧନ୍ୟବାଦ

ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଉଭୟ ଦେଶ ମଧ୍ୟରେ ସହଭାଗିତା ଅଧିକ ସୁଦୃଢ଼ ହେବା ସହ ପାରସ୍ପରିକ ବିଶ୍ୱାସକୁ ପ୍ରତିଫଳନ କରୁଛି । ଏହି ଚୁକ୍ତି ଦେଶର କୃଷିଜୀବୀ, ଉଦ୍ୟୋଗୀ, ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍, ମତ୍ସ୍ୟଜୀବୀ, ଗବେଷକ ଏବଂ ବିଭିନ୍ନ କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ଅଧିକ ମଜଭୁତ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ମହିଳା ଏବଂ ଯୁବବର୍ଗଙ୍କ ପାଇଁ ଏହା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ଉଭୟ ଦେଶ ଏହି ଚୁକ୍ତି ମାଧ୍ୟମରେ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଏହା ମଜଭୁତ କରିବା ସହ ଅଭିବୃଦ୍ଧିରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଅମିତ ଶାହା ଛତିଶଗଡ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ସନ୍ଧ୍ୟାରେ ତିନିଦିନିଆ ଗସ୍ତରେ ଛତିଶଗଡ଼ ଯିବେ । ଗସ୍ତକାଳରେ ଶ୍ରୀ ଶାହା ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷା ପରିସ୍ଥିତିର ସମୀକ୍ଷା କରିବା ସହ ମାଓବାଦ ପରିସ୍ଥିତିର ସମୀକ୍ଷା କରିବେ । ଶ୍ରୀ ଶାହା ରାୟପୁର ଏବଂ ଜଗଦଳପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାରେ ରାୟପୁରଠାରେ ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରଶାସନିକ ଏବଂ ସୁରକ୍ଷା ସମ୍ବନ୍ଧୀୟ

ଘଟଣାଗୁଡ଼ିକର ସେ ସମୀକ୍ଷା କରିବେ । ଆସନ୍ତାକାଲି ଶ୍ରୀ ଶାହା ରାୟପୁରଠାରେ ମାଓବାଦ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ଓ ସୁରକ୍ଷା ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ରହିବେ । ୯ ତାରିଖ ସୋମବାର ଦିନ ଜଗଦଲପୁରରେ ବସ୍ତର ଉତ୍ସବର ଉଦ୍ଯାପନୀ ସମାରୋହରେ ଶ୍ରୀ ଶାହା ଯୋଗଦେବେ ।

# ପ୍ରେଜ୍ ଛତିଶଗଡ ଭିଜିଟ୍

ବସ୍ତରର ପଣ୍ଡୁମ ମହୋତ୍ସବ ମାଧ୍ୟମରେ ସମଗ୍ର ଦେଶ ଏବଂ ବିଶ୍ୱ ସେଠାକାର ସମୃଦ୍ଧ ଆଦିବାସୀ ପରମ୍ପରା ସମ୍ପର୍କରେ ଅବଗତ ହୋଇପାରୁଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଛତିଶଗଡର ଜଗଦଲପୁରଠାରେ ବସ୍ତର ପଣ୍ଡୁମ ମହୋତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି ।

**V/O (President Culture)**

ରାଷ୍ଟ୍ରପତି କହିଛନ୍ତି ମାଓ କାର୍ଯ୍ୟକଳାପ ବିରୁଦ୍ଧରେ ସରକାର ଗ୍ରହଣ କରିଥିବା ନିର୍ଣ୍ଣାୟକ ପଦକ୍ଷେପ ବହୁବର୍ଷ ଧରି ଲାଗିରହିଥିବା ଭୟ ଏବଂ ଅସୁରକ୍ଷିତ ବାତାବରଣକୁ ସମାପ୍ତ କରିଛି । ମାଓବାଦୀ କାର୍ଯ୍ୟକଳାପ ସହ ଜଡିତ ବହୁ ଲୋକ ହିଂସାର ପଥ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଏକ ସକରାତ୍ମକ ବାତାବରଣ ସୃଷ୍ଟି କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପୁନଃ ଥଇଥାନ ଦିଗରେ ସରକାର ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରମେନ ଡେକା, ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ବିଭିନ୍ନ ସ୍ତରରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି । ୮୪ଟି ଦଳର ୭୦୦ରୁ ଅଧିକ କଳାକାର ୧୨ଟି ସାଂସ୍କୃତିକ ବର୍ଗରେ ସେମାନଙ୍କର ନୈପୁନ୍ୟ ପ୍ରଦର୍ଶନ କରିବେ । ଏଥିମଧ୍ୟରେ ଆଦିବାସୀ ନୃତ୍ୟ, ହସ୍ତଶିଳ୍ପ, ପାରମ୍ପରିକ ଆଦିବାସୀ ଖାଦ୍ୟ, ବାଦ୍ୟଯନ୍ତ୍ର ଆଦି ରହିଛି ।

ରାଷ୍ଟ୍ରପତି ମୁର୍ମୁ ୬ ଦିନିଆ ଓଡ଼ିଶା ଗସ୍ତ ଶେଷକରି ଛତିଶଗଡ ଯାଇଛନ୍ତି । ଓଡ଼ିଶା ଲୋକଭବନଠାରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ରାଜ୍ୟର ବିକାଶ ଗାଥା ସମ୍ପର୍କିତ ପୁସ୍ତିକା 'ପ୍ରଗତି ପ୍ରବାହ' ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ବିକଶିତ ଓଡ଼ିଶାର ସଂକଳ୍ପକୁ ହାସଲ କରିବାରେ ପ୍ରେରଣା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଟି-୨୦ ୱାର୍ଲ୍ଡ କପ୍ ଆରମ୍ଭ

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଛି । ଭାରତ ଏବଂ ଶ୍ରୀଲଙ୍କା ଦ୍ୱାରା ମିଳିତଭାବେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ମାସ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ

ଭାଗ ନେଇଥିବା ୨୦ଟି ଆନ୍ତର୍ଜାତିକ ଦଳ ମଧ୍ୟରେ ମୋଟ୍ ୫୫ଟି ମ୍ୟାଚ୍ ଖେଳାଯିବ । ଉଦ୍‌ଘାଟନୀ ମ୍ୟାଚ୍ କଲମ୍ବୋର ସିଂହଳୀ ସ୍ପୋର୍ଟ୍ସ କ୍ଲବରେ ପାକିସ୍ତାନ ଏବଂ ନେଦରଲ୍ୟାଣ୍ଡ୍ସ ମଧ୍ୟରେ ଖେଳାଯାଉଛି । ଆଜିର ଦ୍ୱିତୀୟ ମ୍ୟାଚ୍ କୋଲକାତାର ଇଡେନ୍ ଗାର୍ଡେନ୍ସଠାରେ ଅପରାହ୍ଣ ୩ଟାରେ ୱେଷ୍ଟଇଣ୍ଡିଜ ଓ ସ୍କଟ୍‌ଲ୍ୟାଣ୍ଡ ମଧ୍ୟରେ ଖେଳାଯିବ । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମଠାରେ ଭାରତ ଓ ଆମେରିକା ମଧ୍ୟରେ ସଂଧ୍ୟା ୭ଟାରେ ଆଜିର ତୃତୀୟ ମ୍ୟାଚ୍ ଖେଳାଯିବ । ଗ୍ରୁପ୍ ପର୍ଯ୍ୟାୟ ପରେ ସୁପର ୮ ଏବଂ ନକ୍‌ଆଉଟ୍ ରାଉଣ୍ଡ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ ।

## ବିସିସିଆଇ ରିୱାର୍ଡ ଅଣ୍ଡର୧୯ କ୍ରିକେଟ୍

୧୯ ବର୍ଷରୁ କମ୍ ପୁରୁଷବର୍ଗ ବିଶ୍ୱବିଜୟୀ କ୍ରିକେଟ୍ ଦଳ ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ସାଢ଼େ ୭ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି । ଦଳର ସମସ୍ତ ଖେଳାଳି, ବୈଷୟିକ ସହଯୋଗୀ ଏବଂ ଚୟନକର୍ତ୍ତା ସଦସ୍ୟଙ୍କ ମଧ୍ୟରେ ଏହି ପୁରସ୍କାର ରାଶି ବଣ୍ଟନ କରାଯିବ ବୋଲି କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସୂଚନା ଦେଇଛି । ଜିମ୍ବାୱେର ହରାରେଠାରେ ଗତକାଲି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତ' ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛି । ଭାରତ

ଷଷ୍ଠଥର ଲାଗି ୧୯ବର୍ଷରୁ କମ୍ ବିଶ୍ୱକପ୍ ଟାଇଟଲ ହାସଲ କରିବାକୁ ସକ୍ଷମ ହୋଇଛି ।

## ଆଇସିଜି ଅଏଲ ସ୍ମଗଲିଙ୍ଗ

ଭାରତୀୟ ତଟରକ୍ଷୀ ବାହିନୀ ଅନ୍ତର୍ଜାତୀୟ ତୈଳ ଚୋରାଚାଲାଣ ଉପରେ ପଦକ୍ଷେପ ଗ୍ରହଣ କରିଛି । ଅନ୍ତର୍ଜାତୀୟ ଜଳସୀମାରେ ବେଆଇନ୍ ଭାବେ ପନ୍ୟବାହୀ ଜାହାଜରୁ ମୋଟର ଟ୍ୟାଙ୍କର ଯୋଗେ ଏହି ତୈଳ ସ୍ଥାନାନ୍ତର କରାଯାଉଥିଲା । ଏହାଦ୍ୱାରା ଏଥିରେ ସଂଶ୍ଳିଷ୍ଟ ପକ୍ଷ ଯଥେଷ୍ଟ ଲାଭ ପାଉଥିଲେ । ଗତ ୫ ତାରିଖରେ ମୁମ୍ବାଇର ପଶ୍ଚିମରେ ସମୁଦ୍ର ମଧ୍ୟରେ ୧୦୦ ନଟିକାଲ ମାଇଲ୍ ଦୂରରେ ୩ଟି ସନ୍ଦିଗ୍ଧ ଜାହାଜକୁ ଭାରତୀୟ ତଟରକ୍ଷୀ ବାହିନୀ ଅଟକାଇବା ପରେ ଏହି ର୍ୟାକେଟ୍ ସମ୍ପର୍କରେ ଜଣାପଡିଥିଲା । ବାହିନୀ ପକ୍ଷରୁ ଜାହାଜଗୁଡ଼ିକର କାଗଜପତ୍ର ଏବଂ ଇଲେକ୍ଟ୍ରୋନିକ୍ସ ତଥ୍ୟ ବିଶ୍ଳେଷଣ ଓ କ୍ରୁ ସଦସ୍ୟଙ୍କୁ ପଚରାଉଚରା କରାଯିବାରୁ ଏ ସମସ୍ତ ର୍ୟାକେଟ୍ ସମ୍ପର୍କରେ ସବିଶେଷ ବିବରଣୀ ହସ୍ତଗତ ହୋଇଛି ।

# ୱେଷ୍ଟବେଙ୍ଗଲ-ଆସେମ୍ବ୍ଲି

ପଶ୍ଚିମବଙ୍ଗ ସପ୍ତଦଶ ବିଧାନସଭାର ଶେଷ ଅଧିବେଶନ ଆଜି ଶେଷ ହେଉଛି । ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରଥମ ୪ ମାସର ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଏହି ଅଧିବେଶନ କାଳରେ ଉପସ୍ଥାପିତ ହୋଇଛି । ୨୦୨୧ ମେ’ ମାସରେ ସପ୍ତଦଶ ବିଧାନସଭା ଗଠିତ ହୋଇଥିଲା । ଆସନ୍ତା ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ଏହି ଅଧିବେଶନ କାଳରେ ଗୃହରେ କେତେକ ବିଲ୍ ପାରିତ ହୋଇଛି ।